# ନେଡ଼ିଗୁଡ଼ କହୁଣିକୁ ବୋହିଗଲେ

ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠାକୁ କେନ୍ଦ୍ରକରି ଦୁଇଦିନ ପୂର୍ବେ ଓଡ଼ିଶାର ବିଜେଡି ଏବଂ ବିଜେପି ସଦସ୍ୟମାନେ ଲୋକସଭାରେ ପ୍ରବଳ ହଟ୍ଟଗୋଳ ସୃଷ୍ଟି କରିଥିଲେ । ଓଡ଼ିଶାରେ ଆଇଆଇଟି, ଆଇଆଇଟି ଶାଖା, ଆଇଆଇଏସଆଇ ପ୍ରତିଷ୍ଠା ହେବନାହିଁ ବୋଲି କେନ୍ଦ୍ର ମାନବ ସଂବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଡି.ପୁରନ୍ଦେଶ୍ୱରୀ ସୂଚନା ଦେବାପରେ ଓଡ଼ିଶାର ସାଂସଦମାନେ ଏହାର ପ୍ରତିବାଦ କରିଥିଲେ । ସେମାନଙ୍କୁ ବିଜେପି ନେତା ବିଜୟ୍ ମାଲହୋତ୍ରା ସମର୍ଥନ କରିବା ସହିତ ଓଡ଼ିଶା ପ୍ରତି ଅବିଚାର କରାଯାଇଛି ବୋଲି ଅଭିଯୋଗ କରିଥିଲେ । ଯାହାହେଉ ବିଳମ୍ବରେ ହେଲେ ମଧ୍ୟ ଓଡ଼ିଶା ସାଂସଦମାନେ ରାଜ୍ୟ ପ୍ରତି ହୋଇଥିବା ଅବିଚାର ଘେନି ଚେତିଛନ୍ତି ତାହା ଏକ ସ୍ୱାଗତଯୋଗ୍ୟ ଘଟଣା । କିନ୍ତୁ ଦୁଃଖ ହେଉଛି ଯେ କଂଗ୍ରେସ ସାଂସଦ ଗିରିଧର ଗମାଙ୍ଗ ସେମାନଙ୍କ ସହିତ ସାମିଲ ହେଲେନାହିଁ । ଚନ୍ଦ୍ରଶେଖର ସାହୁ କେନ୍ଦ୍ରରେ ମନ୍ତ୍ରୀ ଅଛନ୍ତି । ସେ ମଧ୍ୟ ଏହି ପ୍ରସଂଗ ଉପରେ ନିଜର କିଛି ପ୍ରତିକ୍ରିୟା ଦେଇଥିଲେ ଭଲ ହୋଇଥାଆନ୍ତା । ତେବେ ଏଠାରେ ପ୍ରଶ୍ନ ହେଉଛି ଯେ ଆଇଆଇଟି ପ୍ରତିଷ୍ଠା ନିଷ୍ପତ୍ତି ବର୍ତ୍ତମାନର ସରକାରଙ୍କର ନୁହେଁ । ଏନଡିଏ ସରକାର ଥିବାବେଳେ ଆଇଆଇଟି ପ୍ରତିଷ୍ଠା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏପରିକି ଯେଉଁସବୁ ରାଜ୍ୟରେ ଏହା ପ୍ରତିଷ୍ଠା କରାଯିବ ସେହି ନିଷ୍ପତ୍ତି ମଧ୍ୟ ସେତେବେଳେ ନିଆଯାଇଥିଲା । ତେଣୁ ଯଦି କୁହାଯିବ ଯେ ରାଜଶେଖର ରେଡ୍ଡିଙ୍କ ପାଇଁ ଆନ୍ଧ୍ରକୁ ଆଇଆଇଟି ଆସିଲା ତାହା ଠିକ୍ ନୁହେଁ । ଆନ୍ଧ୍ରରେ ଆଇଆଇଟି ପ୍ରତିଷ୍ଠା ହେବ ବୋଲି ତତ୍କାଳୀନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କେନ୍ଦ୍ର ସରକାରଙ୍କଠାରୁ ନିଷ୍ପତ୍ତି ନେଇଆସିଥିଲେ । ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଚାଲିଥିବାବେଳେ 'ସମାଜ' ତାହାର ଏହି ସ୍ତମ୍ଭରେ ବାରମ୍ବାର ଲେଖିଛି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ ଓ ବିରୋଧୀଦଳର ଦୃଷ୍ଟି ଆକର୍ଷଣ କରିଛି । ବୁର୍ଲାରେ ଆଇଆଇଟି ପ୍ରତିଷ୍ଠା ନିମନ୍ତେ ସମସ୍ତ ମୌଳିକ ସୁବିଧାସୁଯୋଗ ରହିଛି । କେବଳ ରାଜନୈତିକ ପ୍ରଭାବ ଦ୍ୱାରା ତାହା ହୋଇପାରିଥାଆନ୍ତା । ବିଜେଡି ସେତେବେଳେ କେନ୍ଦ୍ରସରକାରରେ ଅଂଶୀଦାର ଥିଲା । କିନ୍ତୁ ସେହି ସମୟରେ କିଛି ଆନ୍ଦୋଳନ ହେଲାନାହିଁ । କେବଳ ବୁର୍ଲାର ଛାତ୍ରଛାତ୍ରୀମାନେ କିଛି ଆନ୍ଦୋଳନ କରିଥିଲେ । କିଛି ପୁରାତନ ଛାତ୍ର ଏବଂ ପୁରାତନ ଛାତ୍ର ସଂଗଠନର କର୍ମକର୍ତ୍ତା ମଧ୍ୟ ଏଥିପାଇଁ କେନ୍ଦ୍ରସରକାରଙ୍କ ନିକଟକୁ ପତ୍ର ଲେଖିଥିଲେ । ସେହି ସମୟରେ ଯଦି ଆମର ନେତାମାନେ କେନ୍ଦ୍ରସରକାରଙ୍କ ଉପରେ ଚାପ ପକାଇ ଥାଆନ୍ତେ ତେବେ ଆଜି ହୁଏତ ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ହୋଇଥାଆନ୍ତା । ପଶ୍ଚିମ ଓଡ଼ିଶାର ଜନୈକ ନେତାଙ୍କୁ ସେହି ଅଞ୍ଚଳର କେତେକ ବୁଦ୍ଧିଜୀବୀ ଭେଟି ବୁର୍ଲାରେ ଆଇଆଇଟି ପ୍ରତିଷ୍ଠା ନିମନ୍ତେ ମାନବସଂବଳ ବିକାଶ ମନ୍ତ୍ରୀ ମୁରଲୀ ମନୋହର ଜୋଷୀଙ୍କୁ ଅନୁରୋଧ କରିବାକୁ ଏବଂ ଆବଶ୍ୟକ ପଡ଼ିଲେ ଓଡିଶାର ସାଂସଦମାନେ ଏ ସଂପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ସେମାନେ ସେହି ସାଂସଦଙ୍କୁ ଅନୁରୋଧ କରିଥିଲେ । ଜଣେ ଓଡ଼ିଆ ଆଇଏଏସ ସେତେବେଳେ ମାନବ ସଂବଳ ବିକାଶ ବିଭାଗର ବରିଷ୍ଠ କର୍ମକର୍ତ୍ତା ମଧ୍ୟ ଥିଲେ । କିନ୍ତୁ ଆମ ନେତାମାନଙ୍କ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଉଦାସୀନତା ଯୋଗୁ ଆଇଆଇଟି ପ୍ରତିଷ୍ଠା ନିଷ୍ପତ୍ତିବେଳେ ଓଡ଼ିଶା କଥା ମଧ୍ୟ ଉଠାଯାଇନଥିଲା । ସେହି ସମୟରେ କେନ୍ଦ୍ର କ୍ୟାବିନେଟରେ ଓଡ଼ିଶାର ଦୁଇଜଣ କ୍ୟାବିନେଟ ପାହ୍ୟାମନ୍ତ୍ରୀ ଥିଲେ । ଲୋକସଭାରେ ବିଜେପି ଏବଂ ବିଜେଡିର ୧୬ ଜଣ ସାଂସଦ ଥିଲେ । ଏହି ବିଷୟ୍ ଆଲୋଚନା କଲାବେଳେ ଅନେକ ଦିନ ତଳର ଗୋଟିଏ କଥା ମନେପଡୁଛି । ସୈନିକ ସ୍କୁଲ ଆସାମରେ ଏବଂ ଆଞ୍ଚଳିକ ଗବେଷଣା ପ୍ରତିଷ୍ଠାନ ପଶ୍ଚିମବଂଗରେ ପ୍ରତିଷ୍ଠା ହେବ ବୋଲି ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ । କିନ୍ତୁ ବିଜୁବାବୁଙ୍କ ଉଦ୍ୟମ ଯୋଗୁ ଏହି ଦୁଇ ପ୍ରତିଷ୍ଠାନ ଓଡ଼ିଶାକୁ ଆସିପାରିଲା । ପାରାଦ୍ୱୀପ ବନ୍ଦରପାଇଁ ତୃତୀୟ୍ ପଞ୍ଚବାର୍ଷିକ ଯୋଜନାରେ ଅର୍ଥବରାଦ ହୋଇନଥିଲା । କିନ୍ତୁ ବିଜୁଙ୍କ ଜିଦ୍ ଯୋଗୁ ପ୍ରଧାନମନ୍ତ୍ରୀ ନେହେରୁ ଏଥିପାଇଁ ସ୍ୱତନ୍ତ୍ର ବରାଦ କରିଥିଲେ ।

ଛୋଟଛୋଟ ଘଟଣା କିମ୍ବା ନିଜ ସ୍ୱାର୍ଥରକ୍ଷା ବା କାହା ଉପରେ ପ୍ରତିଶୋଧ ନେବାପାଇଁ ଆମ ରାଜନେତାମାନେ ପରସ୍ପର ସହିତ ସଂଘର୍ଷ କରୁଛନ୍ତି । ଏଥିରେ ରାଜ୍ୟର ତ ଉନ୍ନତି ହେବ ନାହିଁ ବରଂ ସେମାନେ ଅପଦସ୍ତ ହେବେ । ଏବେ ସମୟ୍ ଆସିଛି ସମ୍ମିଳିତ ଭାବେ ରାଜ୍ୟର ସ୍ୱାର୍ଥ ନିମନ୍ତେ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ । ପ୍ରତିଶୋଧପରାୟଣ ଅନଭିଜ୍ଞ ବ୍ୟକ୍ତିମାନେ ରାଜନୈତିକ କ୍ଷେତ୍ର ସମେତ ବ୍ୟବସ୍ଥାର ବିଭିନ୍ନ କ୍ଷେତ୍ରକୁ ପ୍ରବେଶ କରିଆସିଥିବାରୁ ସାମୂହିକ ସ୍ୱାର୍ଥରକ୍ଷା ହୋଇପାରୁନାହିଁ । ଆମ ରାଜ୍ୟ ଆଜି ସେହିପରି ପରିସ୍ଥିତିର ସମ୍ମୁଖୀନ ହୋଇଛି । ଆଇଆଇଟି ପ୍ରସଂଗ ଉପରେ ଲୋକସଭାରେ ବିତର୍କବେଳେ ଆମ ନେତାମାନେ କହିବା ଉଚିତ ଥିଲା ଯେ ଚେନ୍ନଇରେ ଆଇଆଇଟି ଏବଂ ବାଙ୍ଗାଲୋରରେ ଆଇଆଇଏମଏସ ଅଛି । ବିହାର, ମଧ୍ୟପ୍ରଦେଶ ଏବଂ ଓଡ଼ିଶାରେ ପଢ଼ିବା ପାଇଁ ସର୍ବଭାରତୀୟ୍ ସ୍ତରର ଅତ୍ୟାଧୁନିକ ଇଂଜିନିୟରିଂ କଲେଜ ନାହିଁ । ବୁର୍ଲା ହେଉଛି ଏହି ସବୁ ରାଜ୍ୟର କେନ୍ଦ୍ର ସ୍ଥଳରେ ଅବସ୍ଥିତ । ଆମେ ଠିକଣା ସମୟରେ ଦାବି କରିନାହୁଁ । ତେଣୁ ଏବେ ଅଭିଯୋଗ କଲେ ଲୋକଙ୍କୁ ସିନା ଭୁଲାଇ ଦେଇପାରିବା କିନ୍ତୁ ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ । ଏହାକୁ କୁହାଯାଏ ନେଡ଼ିଗୁଡ଼ କହୁଣିକୁ ବୋହିଗଲା ।